# NATIONAL NEWS BULLETIN (ODIA)
## 01st May - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ୱେଭ୍‌ସ ଏକ ସଂକ୍ଷିପ୍ତ ଶବ୍ଦ ନୁହେଁ, ବରଂ ସଂସ୍କୃତି, ସୃଜନଶୀଳତା ଏବଂ ସାର୍ବଜନୀନ ସଂଯୋଗକୁ ପ୍ରତିନିଧିତ୍ୱ କରୁଥିବା ଏକ ଲହରୀ ।

— ମୁମ୍ବାଇରେ ୱେଭ୍‌ସ-୨୦୨୫କୁ ଉଦ୍‌ଘାଟନ କରି କହିଲେ ପ୍ରଧାନମନ୍ତ୍ରୀ ।

- ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣର ନ୍ୟାୟିକ ତଦନ୍ତପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାର ବିଚାର କରିବାକୁ ଅଗ୍ରାହ୍ୟ କଲେ ସୁପ୍ରିମ୍‌କୋର୍ଟ ।
- ଭୋଟର୍ ତାଲିକାର ସଠିକତାକୁ ଉନ୍ନତ କରିବା ଓ ଭୋଟଦାନ ପ୍ରକ୍ରିୟାକୁ ସହଜ କରିବା ନେଇ ନୂତନ ପଦକ୍ଷେପ ଗ୍ରହଣ କଲେ ନିର୍ବାଚନ ଆୟୋଗ ।
- ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ହାନ୍ ଡକ୍-ସୁ'ଙ୍କ ଇସ୍ତଫା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍‌ସ ମଧ୍ୟରେ ହେବ ମୁକାବିଲା ।

— ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରାଜସ୍ଥାନ ।

## ପି.ଏମ୍. - ୱେଭ୍‌ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଆଜି ଭାରତ ଚଳଚ୍ଚିତ୍ର ନିର୍ମାଣ, ଡିଜିଟାଲ୍ ବିଷୟବସ୍ତୁ, ଗେମିଂ, ଫ୍ୟାଶନ୍, ସଙ୍ଗୀତ ଏବଂ ଲାଇଭ୍ କନ୍‌ସର୍ଟ କ୍ଷେତ୍ରରେ ଏକ ବିଶ୍ୱ କେନ୍ଦ୍ର ଭାବେ ଉଭା ହେଉଛି । ମୁମ୍ବାଇର ଜିଓ ୱାର୍ଲଡ୍ କନ୍‌ଭେନ୍‌ସନ୍ ସେଣ୍ଟର୍‌ରେ ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ- ୱେଭ୍‌ସ-୨୦୨୫କୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ଆନିମେସନ୍ ବଜାରରେ ବିଶାଳ ସମ୍ଭାବନା ରହିଛି । ବର୍ତ୍ତମାନ ଏହାର ମୂଲ୍ୟ ୪୩୦ ବିଲିୟନ୍ ଡଲାରରୁ ଅଧିକ ରହିବା ସହ ଆଗାମୀ ଦଶନ୍ଧିରେ ଏହା ଦ୍ୱିଗୁଣିତ ହେବାର ଆକଳନ କରାଯାଇଛି । ଭାରତର ଆନିମେସନ ଏବଂ ଗ୍ରାଫିକ୍ସ ଶିଳ୍ପପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ ବୋଲି ଶ୍ରୀ ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ୱେଭ୍‌ସ କେବଳ ଏକ ସଂକ୍ଷିପ୍ତ ଶବ୍ଦ ନୁହେଁ; ବରଂ ସଂସ୍କୃତି, ସୃଜନଶୀଳତା ଏବଂ ସାର୍ବଜନୀନ ସଂଯୋଗକୁ ପ୍ରତିନିଧିତ୍ୱ କରୁଥିବା ଏକ ଲହରୀ । ଭାରତର ସୃଜନଶୀଳ ଅର୍ଥନୀତିର ଅପାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ବର୍ଷଗୁଡ଼ିକରେ

ଦେଶର ଜି.ଡି.ପି.ରେ ଏହାର ଅବଦାନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବାକୁ ଯାଉଛି ।

***Voice :.......***

ଶ୍ରୀ ମୋଦି କହିଛନ୍ତି, ୧୦୦ରୁ ଅଧିକ ଦେଶର କଳାକାର, ନବସୃଜନକାରୀ, ନିବେଶକ ଓ ନୀତି ନିର୍ଦ୍ଧାରକମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିବାରୁ ଏହି ସମ୍ମିଳନୀ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରୁଛି ।

***Voice :.......***

ଭାରତର ଦୃଢ଼ ସାଂସ୍କୃତିକ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦି କହିଛନ୍ତି, ଏକବିଂଶ ଶତାବ୍ଦୀର ପ୍ରଯୁକ୍ତିବିଦ୍ୟା ମାନବ ଜୀବନକୁ ପ୍ରଭାବିତ କରୁଥିବା ଭାବପ୍ରବଣ ସମ୍ବେଦନଶୀଳତା ଏବଂ ସାଂସ୍କୃତିକ ସମୃଦ୍ଧିକୁ ସଂରକ୍ଷଣ କରିବାର ଅତିରିକ୍ତ ପ୍ରୟାସର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ଚଳଚ୍ଚିତ୍ରଗୁଡ଼ିକ ବର୍ତ୍ତମାନ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚିପାରୁଛି ଏବଂ ଆଜି ଭାରତୀୟ ଚଳଚ୍ଚିତ୍ରଗୁଡ଼ିକ ୧୦୦ରୁ ଅଧିକ ଦେଶରେ ମୁକ୍ତିଲାଭ କରୁଛି । ସେ କହିଛନ୍ତି, ଦେଶରେ ଓ.ଟି.ଟି. କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ ଭାରତର କୋଟି କୋଟି କାହାଣୀ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଛନ୍ତି ।

# ମୁରୁଗାନ - ଲାଇଭ୍ ଇଭେଣ୍ଟ

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁରୁଗାନ୍ ଆସନ୍ତା ଶନିବାର ଦିନ ମୁମ୍ବାଇରେ ୱେଭ୍‌ସ ସମ୍ମିଳନୀ-୨୦୨୫ ଅବସରରେ "ଭାରତର ଲାଇଭ୍ ଇଭେଣ୍ଟ୍‌ସ ଅର୍ଥନୀତି : ଏକ ଜରୁରୀ ରଣନୈତିକ ଅଭିବୃଦ୍ଧି" ଶୀର୍ଷକ ଶ୍ୱେତପତ୍ରର ଉନ୍ମୋଚନ କରିବେ । ଏହି ଶ୍ୱେତପତ୍ର ଭାରତର ଦ୍ରୁତ ବିସ୍ତାରିତ ଲାଇଭ୍ ଇଭେଣ୍ଟ ଶିଳ୍ପର ଏକ ବ୍ୟାପକ ବିଶ୍ଳେଷଣକୁ ଉପସ୍ଥାପନ କରିବ । ଏହି କ୍ଷେତ୍ରର ନିରନ୍ତର ବିକାଶ ପାଇଁ ରଣନୈତିକ ସୁପାରିସଗୁଡ଼ିକ ଉପରେ ଆଲୋକପାତ କରିବ । ଏହି ଶ୍ୱେତପତ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟଦ୍ୱାରା ପ୍ରସ୍ତୁତ କରାଯାଇଛି । ଭାରତର ଲାଇଭ୍ ଇଭେଣ୍ଟ ଶିଳ୍ପ ଏକ ଖଣ୍ଡିତ କ୍ଷେତ୍ରରୁ ଦେଶର ସାଂସ୍କୃତିକ ଏବଂ ସୃଜନଶୀଳ ଅର୍ଥନୀତିର ପ୍ରଭାବଶାଳୀ ସ୍ତମ୍ଭରେ ପରିବର୍ତ୍ତିତ ହେଉଛି । ୨୦୨୪ରେ ସଙ୍ଗଠିତ ଲାଇଭ୍ ଇଭେଣ୍ଟ କ୍ଷେତ୍ରରେ ୧୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ଼ ହୋଇଛି, ଯାହାଫଳରେ ୧୩ ବିଲିୟନ୍ ଟଙ୍କାର ଅତିରିକ୍ତ ରାଜସ୍ୱ ସଂଗ୍ରହ କରାଯାଇଛି । ମନ୍ତ୍ରଣାଳୟ କହିଛି, ଭାରତ ୨୦୩୦ ସୁଦ୍ଧା ବିଶ୍ୱ ସ୍ତରରେ ଶ୍ରେଷ୍ଠ ୫ଟି ଲାଇଭ୍ ମନୋରଞ୍ଜନ କ୍ଷେତ୍ର ମଧ୍ୟରେ ସ୍ଥାନିତ ହେବା ଦିଗରେ ଅଗ୍ରସର ହେଉଛି ।

## ଏସ୍.ସି. - ପହଲଗାମ୍ ପି.ଆଇ.ଏଲ୍.

ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣର ନ୍ୟାୟିକ ତଦନ୍ତପାଇଁ ଆଗତ ଏକ ଜନସ୍ୱାର୍ଥ ମାମଲାର ବିଚାର କରିବାକୁ ସୁପ୍ରିମ୍‌କୋର୍ଟ ଆଜି ଅଗ୍ରାହ୍ୟ କରିଦେଇଛନ୍ତି । ଏଥିସହ ସୁପ୍ରିମ୍‌କୋର୍ଟ ସତର୍କ କରାଇ କହିଛନ୍ତି, ଏପରି କାର୍ଯ୍ୟ ସଶସ୍ତ୍ର ବାହିନୀର ମନୋବଳକୁ ଦୁର୍ବଳ କରିବ । ଏପରି ଆବେଦନ ଦାଖଲ କରିବା ପୂର୍ବରୁ ପ୍ରସଙ୍ଗର ସମ୍ବେଦନଶୀଳତାକୁ ବିଚାର କରିବା ଉଚିତ ଥିଲା ବୋଲି କହିବା ସହ ଅଭିଯୋଗକାରୀଙ୍କୁ ଆବେଦନ ପ୍ରତ୍ୟାହାର କରିବାକୁ କହିଥିଲେ । ପରେ ଜମ୍ମୁ-କାଶ୍ମୀରର ୩ ଜଣ ବାସିନ୍ଦା ଦାଏର କରିଥିବା ଏହି ଜନସ୍ୱାର୍ଥ ମାମଲାକୁ ପ୍ରତ୍ୟାହାର କରିନେଇଛନ୍ତି ।

## ୟୁ.ପି. - ଭାଇସ୍ ପ୍ରେସିଡେଣ୍ଟ

ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ଼ କହିଛନ୍ତି, ପହଲଗାମ୍ ଆତଙ୍କବାଦୀ ଆକ୍ରମଣରୁ ସୃଷ୍ଟି ହୋଇଥିବା ଆହ୍ୱାନ ପାଇଁ ଦେଶକୁ ଐକବଦ୍ଧ ହେବାକୁ ପଡ଼ିବ । ଜାତୀୟ ସ୍ୱାର୍ଥ ସର୍ବଦା ଊର୍ଦ୍ଧ୍ୱରେ ରହିବା ଉଚିତ ବୋଲି ଉପରାଷ୍ଟ୍ରପତି କହିଛନ୍ତି । ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ 'ଚୁନୌତିୟାଁ ମୁଝେ ପସନ୍ଦ ହୈ' ପୁସ୍ତକର ଉନ୍ମୋଚନ ଅବସରରେ ଭାରତରେ ବୃଦ୍ଧି ପାଉଥିବା ବୈଶ୍ୱିକ

ପ୍ରଭାବକୁ ସେ ପ୍ରଶଂସା କରିଥିଲେ । ଉନ୍ମୋଚିତ ପୁସ୍ତକରେ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ୍‌ଙ୍କ ପ୍ରେରଣାଦାୟୀ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୁସ୍ତକଟିକୁ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପ୍ରଦାନକାରୀ ହେବ ବୋଲି କହିଛନ୍ତି । ଏହି ଅବସରକୁ ଅବିସ୍ମରଣୀୟ ବୋଲି କହିବା ସହ ଶିକ୍ଷକ, ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ଜୀବନଯାତ୍ରା ଉପରେ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ୍ ଆଲୋକପାତ କରିଥିଲେ ।

## ଇ.ସି. - ଇନିସିଏଟିଭ୍‌ସ୍

ନିର୍ବାଚନ ଆୟୋଗ ଭୋଟର ତାଲିକାର ସଠିକତାକୁ ଉନ୍ନତ କରିବା ଏବଂ ନାଗରିକମାନଙ୍କପାଇଁ ଭୋଟ୍‌ଦାନ ପ୍ରକ୍ରିୟାକୁ ସହଜ କରିବା ଲକ୍ଷ୍ୟ ନେଇ ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି । ନିର୍ବାଚନ ଆୟୋଗ ଏବେ ଭାରତର ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କଠାରୁ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ମୃତ୍ୟୁ ପଞ୍ଜୀକରଣ ତଥ୍ୟ ପ୍ରାପ୍ତ କରିବେ । ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ସମୟାନୁସାରେ ପଞ୍ଜିକୃତ ମୃତ୍ୟୁର ସୂଚନା ପାଇବା ଏହା ନିଶ୍ଚିତ କରିବ । ପରେ ଏହାକୁ ବୁଥ୍‌ସ୍ତରୀୟ ଅଧିକାରୀଙ୍କଦ୍ୱାରା କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ପୁନଃ ଯାଞ୍ଚ୍ କରାଯାଇପାରିବ । ଭୋଟର ସୂଚନା ସ୍ଲିପ୍‌ଗୁଡ଼ିକୁ ଭୋଟର୍ ଅନୁକୂଳ କରିବାପାଇଁ ସେଗୁଡ଼ିକର ଡିଜାଇନ୍‌ରେ ପରିବର୍ତ୍ତନ କରିବାକୁ

ଆୟୋଗ ନିଷ୍ପତ୍ତି ନେଇଛନ୍ତି । ଭୋଟର୍ କ୍ରମିକ ସଂଖ୍ୟା ଏବଂ ଅଂଶ ସଂଖ୍ୟା ସ୍ପଷ୍ଟଭାବେ ପ୍ରଦର୍ଶିତ ହେବ । ଏହା ଭୋଟର୍‌ମାନଙ୍କ ପାଇଁ ସେମାନଙ୍କର ମତଦାନ କେନ୍ଦ୍ର ଚିହ୍ନଟ କରିବା ଏବଂ ମତଦାନ ଅଧିକାରୀଙ୍କୁ ଭୋଟର ତାଲିକାରେ ସେମାନଙ୍କର ନାମ ଚିହ୍ନଟ କରିବା ପ୍ରକ୍ରିୟାକୁ ସହଜ କରିବ ।

## କୋରିଆ - ଆକ୍ଟିଂ ପ୍ରେଜ୍

ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ହାନ୍ ଡକ୍-ସୁ ଆଜି ଇସ୍ତଫା ଦେଇଛନ୍ତି । ଜୁନ୍ ୩ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ । ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍‌ଙ୍କ ମହାଭିଯୋଗ ପରେ ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ସିଓଲ୍‌ରେ ଏକ ସାମ୍ବାଦିକ ସମ୍ମିଳନ ଅବସରରେ ସେ ଏହି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ଏକ ବିଫଳ ସାମରିକ ଆଇନ ପ୍ରୟାସ ପାଇଁ ସାମ୍ବିଧାନିକ ଅଦାଲତ ପୂର୍ବତନ ରାଷ୍ଟ୍ରପତି ଶ୍ରୀ ୟୁନ୍‌ଙ୍କ ମହାଭିଯୋଗ ପରେ ଦକ୍ଷିଣ କୋରିଆ ସରକାର ଜୁନ୍ ୩ ତାରିଖକୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ।

# ଇ.ଡି. - ପଙ୍କଜ ଚୌଧୁରୀ

ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ଆର୍ଥିକ ଠକେଇ ଯୋଗୁଁ ପ୍ରଭାବିତ ବ୍ୟବସାୟୀମାନଙ୍କୁ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ସରକାର ପ୍ରତିଶ୍ରୁତିବଦ୍ଧ । ଏ ସଂକ୍ରାନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଉଲ୍ଲେଖ କରି ଶ୍ରୀ ଚୌଧୁରୀ କହିଛନ୍ତି, ଗତବର୍ଷ ମନି ଲଣ୍ଡରିଂ ନିରୋଧୀ ଆଇନ ବ୍ୟବସ୍ଥା ଅନୁଯାୟୀ ପ୍ରଭାବିତ ଏବଂ ସଠିକ୍ ମାଲିକମାନଙ୍କୁ ୩୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଫେରସ୍ତ କରାଯାଇଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦିବସରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଚୌଧୁରୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପ୍ରୟାସକୁ ପ୍ରଶଂସା କରିଛନ୍ତି ।

# ଜୟଶଙ୍କର - ରୁବିଓ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ତାଙ୍କ ଦକ୍ଷିଣ କୋରିଆ ପ୍ରତିପକ୍ଷ ଚୋ-ଟାଏ-ୟୁଲ୍’ଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ହୋଇଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିଷୟରେ ଆଲୋଚନା ହୋଇଥିଲା । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ଡକ୍ଟର ଜୟଶଙ୍କର ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଲଢ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି କୋରିଆ ଗଣରାଜ୍ୟର ସମର୍ଥନ ଏବଂ ଏକତାପାଇଁ ସେ ଶ୍ରୀ ୟୁଲ୍‌ଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।

ଗତକାଲି ଡକ୍ଟର ଜୟଶଙ୍କର ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହ ମଧ୍ୟ ପହଲଗାମ ଆତଙ୍କବାଦୀ ଆକ୍ରମଣ ନେଇ ଆଲୋଚନା କରିଥିଲେ ।

## ମାଣ୍ଡଭୀୟ – ଖେଳରତ୍ନ ଆୱାର୍ଡ଼

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଆଜି ନୂଆଦିଲ୍ଲୀରେ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍ ଚିରାଗ ସେଟ୍ଟି ଓ ସାତ୍ୱିକ୍ ସାଇରାଜ ରାଙ୍କିରେଡ୍ଡୀଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର–୨୦୨୩ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ମାଣ୍ଡଭିୟ କହିଛନ୍ତି, ଏହି ପୁରସ୍କାର ଉଭୟ ଖେଳାଳିଙ୍କ ସମର୍ପଣ ଭାବ ଏବଂ ବ୍ୟାଡ୍‌ମିଣ୍ଟନ୍ କୋର୍ଟରେ ଅସାଧାରଣ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନର ପ୍ରମାଣ । ସେ କହିଛନ୍ତି, ଉଭୟ ଖେଳାଳି ସେମାନଙ୍କର କଠିନ ପରିଶ୍ରମ ଓ ଅସାଧାରଣ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି ।

ଖେଳରତ୍ନ ପୁରସ୍କାର ପାଇବା ପରେ ଚିରାଗ ସେଟ୍ଟି ଖୁସିବ୍ୟକ୍ତ କରି କହିଛନ୍ତି, କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ସରକାରଙ୍କ ସମର୍ଥନ ଅସାଧାରଣ । ପ୍ରସିଦ୍ଧ ବ୍ୟାଡ୍‌ମିଣ୍ଟନ ଯୋଡ଼ି ଚିରାଗ ସେଟ୍ଟି ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ୨୦୨୩ କ୍ରୀଡ଼ାବର୍ଷରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ସଂଘ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନରେ ପହଞ୍ଚିଥିଲେ । ସେମାନେ ହାଙ୍ଗ୍‌ଝୌଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । କିନ୍ତୁ ସେତେବେଳେ ଟୁର୍ଣ୍ଣାମେଣ୍ଟରେ ବ୍ୟସ୍ତତା ଯୋଗୁଁ ସେମାନେ ଏହି ପୁରସ୍କାର ଗ୍ରହଣ କରିପାରି ନ ଥିଲେ ।

## ଫୁଡ୍ ପି.ଡି.ଏସ୍. - ସେକ୍ରେଟାରୀ

ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ସରକାର ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୨୫୬ ଲକ୍ଷ ମେଟ୍ରିକ୍ ଟନ୍ ଗହମ କ୍ରୟ କରିଛନ୍ତି । ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସେ କହିଛନ୍ତି, ଚଳିତ ବର୍ଷ ଶେଷ ସୁଦ୍ଧା ୩୧୨ ଲକ୍ଷ ମେଟ୍ରିକ୍ ଟନ୍ ଗହମ କ୍ରୟ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସେ କହିଛନ୍ତି, ଚାଷୀମାନେ ଅନ୍‌ଲାଇନ୍ ପଞ୍ଜୀକରଣ, ସମୟାନୁସାରେ ଓଜନ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟରେ ୪୮ ଘଣ୍ଟା ମଧ୍ୟରେ ଦେୟ ପ୍ରଦାନ ସୁବିଧା ପାଉଥିବାରୁ ଗହମ କ୍ରୟ ସହଜ ହୋଇପାରିଛି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଜୟପୁରର ସବାଇ ମାନସିଂହ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌କୁ ଜିତି ରାଜସ୍ଥାନ ରୟାଲ୍‌ସ ପ୍ରତିଯୋଗିତାରେ ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରିବ । କ୍ରିକେଟ ଜଗତରେ ଅଭୁତପୂର୍ବ ବ୍ୟାଟିଂ ପ୍ରଦର୍ଶନ କରିଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ସମସ୍ତଙ୍କ ନଜର ରହିବ। ରାଜସ୍ଥାନ ରୟାଲସ୍ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ମୁମ୍ବାଇ ଇଣ୍ଡିଆନ୍ସ ୧୦ଟି ମ୍ୟାଚ୍‌ରୁ ୬ଟିରେ ବିଜୟ ଲାଭ କରି ୧୨ ପଏଣ୍ଟ୍ ସହ ତୃତୀୟ ସ୍ଥାନରେ ଥିବାବେଳେ ରାଜସ୍ଥାନ ରୟାଲ୍‌ସ ୩ଟିରେ ବିଜୟ ଲାଭ ସହ ୬ ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନରେ ରହିଛି ।

# ଏନ୍.ଏଚ୍.ଆର୍.ସି. - ହିଟ୍‌ୱେଭ୍ ଡିରେକ୍‌ସନ୍

ଦେଶର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜାତୀୟ ମାନବାଧିକାର ଆୟୋଗ ଓଡ଼ିଶା ସମେତ ୧୧ଟି ରାଜ୍ୟକୁ ଦୁର୍ବଳ ଲୋକଙ୍କ

ସୁରକ୍ଷା ପାଇଁ ତୁରନ୍ତ ଆଗୁଆ ପଦକ୍ଷେପ ନେବାକୁ କହିଛି । ବିଶେଷକରି ଆର୍ଥିକ ଦୁର୍ବଳ ବର୍ଗ, ବାହ୍ୟ ଶ୍ରମିକ, ବୃଦ୍ଧି, ଶିଶୁ ଏବଂ ବାସହୀନମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଆୟୋଗ କହିଛି । ୧୧ଟି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଲେଖାଯାଇଥିବା ପତ୍ରରେ ଆଶ୍ରୟସ୍ଥଳ ଯୋଗାଣ, ରିଲିଫ୍ ସାମଗ୍ରୀ, କାର୍ଯ୍ୟ ସମୟ ସଂଶୋଧନ ଏବଂ ଅଂଶୁଘାତଜନିତ ଚିକିତ୍ସାର ଉପଲବ୍ଧ କରାଇବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣଦ୍ୱାରା ରାଜ୍ୟଗୁଡ଼ିକୁ ଗ୍ରୀଷ୍ମପ୍ରବାହର ପ୍ରଭାବକୁ ହ୍ରାସ କରିବାପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରିବା ସହ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଆୟୋଗ ରାଜ୍ୟଗୁଡ଼ିକୁ କହିଛି ।

*****